# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**7 August– 2026**

---

## ହସ୍ତତନ୍ତ ଦିବସ

ଭାରତର ସମୃଦ୍ଧ ହସ୍ତତନ୍ତ ପରମ୍ପରା ଓ ବୁଣାକାରଙ୍କ ଅବଦାନକୁ ସମ୍ମାନ ଜଣାଇ ଆଜି ଦ୍ୱାଦଶ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯାଉଛି। ଏହି ଅବସରରେ ନୂଆଦିଲ୍ଲୀ ବିଜ୍ଞାନ ଭବନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୦୨୫ ବର୍ଷ ପାଇଁ ୨୨ ଜଣ ବୁଣାକାରଙ୍କୁ ଜାତୀୟ ହସ୍ତତନ୍ତ ପୁରସ୍କାର ପ୍ରଦାନ କରିବେ।

ଜାତୀୟ ହସ୍ତତନ୍ତ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତ ନାଗରିକଙ୍କୁ ଉତ୍ସାହର ସହିତ ଏହି ଦିବସ ପାଳନ ଲାଗି ଆହ୍ୱାନ ଦେଇଛନ୍ତି । ଏକ ଭିଡ଼ିଓ ବାର୍ତ୍ତାରେ ଶ୍ରୀ ମୋଦୀ କହିଛନ୍ତି, ୧୯୦୫ ମସିହା ଆଜିର ଦିନରେ ଭାରତର ସ୍ୱାଧୀନତା ସଂଗ୍ରାମରେ ସ୍ୱଦେଶୀ ଆନ୍ଦୋଳନର ଶୁଭାରମ୍ଭ ହୋଇଥିଲା । ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ହସ୍ତତନ୍ତ ସାମଗ୍ରୀର ବ୍ୟବହାର କରିବାକୁ ଆହ୍ୱାନ ଦେଇଛନ୍ତି ।

**V/O**

ଭୁବନେଶ୍ୱରସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ହେବାକୁ ଥିବା ହସ୍ତତନ୍ତ ଦିବସ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଯୋଗଦେବେ ।

---

## ବ୍ରିକ୍ସ - ଶିକ୍ଷାମନ୍ତ୍ରୀ ବୈଠକ

ଭାରତ ଅଧ୍ୟକ୍ଷତାରେ ଭୁବନେଶ୍ୱରରେ ଚାଲିଥିବା ବ୍ରିକ୍ସ ଶିକ୍ଷା ମନ୍ତ୍ରୀମାନଙ୍କ ତ୍ରୟୋଦଶ ବୈଠକରେ ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଯୋଗଦେବେ । ବୈଠକରେ ପ୍ରାକ୍ ଶୈଶବ ଯତ୍ନ ଓ ଶିକ୍ଷା, ଦକ୍ଷତା ବିକାଶ, ଗବେଷଣା ଓ ଉଦ୍‌ଭାବନ, ଯୋଗ୍ୟତା ଓ ଶିକ୍ଷାଗତ ନେତୃତ୍ୱର ଆପୋଷ ମାନ୍ୟତା ସମେତ ପ୍ରମୁଖ ପ୍ରାଥମିକତା ଉପରେ ବିଚାର ବିମର୍ଶ କରାଯିବ । ଗତକାଲି ଅନୁଷ୍ଠିତ ତୃତୀୟ ବୈଠକରେ ସଦସ୍ୟ ଦେଶର ପ୍ରତିନିଧି ଏବଂ ଶିକ୍ଷା ଅଧିକାରୀମାନେ ବ୍ରିକ୍ସ ଏଜୁକେସନ ଟ୍ରାକ୍ ଅଧୀନରେ ସହଯୋଗ ବୃଦ୍ଧି ନେଇ ଆଲୋଚନା କରିଥିଲେ ।

## ମୁଖ୍ୟମନ୍ତ୍ରୀ-ଫୁଡ୍ ପ୍ରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆଦିଲ୍ଲୀରେ ଓଡ଼ିଶା ଫୁଡ୍ ପ୍ରୋ ସମ୍ମିଳନୀ ତଥା ରୋଡ୍ ଶୋ’ରେ ଯୋଗଦେବେ । ଏହା ମାଧ୍ୟମରେ ରାଜ୍ୟରେ ଖାଦ୍ୟ ପ୍ରକ୍ରିୟାକରଣ ସଂପର୍କିତ ନିବେଶ ଉପରେ ଗୁରୁତ୍ୱ ଦିଆଯିବ । ଏହା ସହ ଇସ୍ପାତ, କେମିକାଲ୍, ବୟନ, ପେଟ୍ରୋ କେମିକାଲ୍ ଆଦି କ୍ଷେତ୍ର ସହ ଜଡ଼ିତ ଉଦ୍ୟୋଗୀମାନଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିବେ । ଆସନ୍ତାକାଲି ଗ୍ରେଟର ନୋଏଡାଠାରେ ମଧ୍ୟ ବିଭିନ୍ନ ଶିଳ୍ପସଂସ୍ଥାର ପ୍ରତିନିଧିମାନଙ୍କୁ ନେଇ ଏକ ସମ୍ମିଳନୀର ଆୟୋଜନ କରାଯିବ ।

# ବିପର୍ଯ୍ୟୟ ପରିଚାଳନା ସମୀକ୍ଷା

ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି ସୁଦୃଢ଼ କରିବା ଦିଗରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଗତକାଲି ଭୁବନେଶ୍ୱର ଲୋକସେବା ଭବନରେ ସାଂପ୍ରତିକ ବନ୍ୟା ପରିସ୍ଥିତି ପରିଚାଳନା ସଂପର୍କିତ ବୈଠକରେ ବନ୍ୟା ଜନିତ କ୍ଷୟକ୍ଷତି ଆକଳନ ଜାରି ରହିଥିବା ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି । ଇତିମଧ୍ୟରେ ବିଭିନ୍ନ ଜିଲ୍ଲାକୁ ସହାୟତା ଅର୍ଥ ପ୍ରଦାନ କରାଯାଇଛି । ଅନ୍ୟପକ୍ଷରେ ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି ସୁଦୃଢ଼ କରାଯିବା ଲାଗି ୫୭୩ କିଲୋମିଟର ଉପକୂଳ ଅଞ୍ଚଳରେ ଥିବା ୧୨୨ଟି ଟାୱାରରେ ୩୬୦ ଡିଗ୍ରୀ କ୍ୟାମେରା ଲଗାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବୈଠକରୁ ଜଣାପଡ଼ିଛି । ଖୁବ୍‌ଶୀଘ୍ର ବାଲେଶ୍ୱର ଓ ଭୁବନେଶ୍ୱରରେ ଡପ୍‌ଲାର ରାଡାର କାର୍ଯ୍ୟକ୍ଷମ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

---

# ଅଗ୍ନି-୪

ବାଲେଶ୍ୱର ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ରରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଅଗ୍ନି-୪ର ସଫଳ ପରୀକ୍ଷଣ ହୋଇଛି । ଷ୍ଟ୍ରାଟେଜିକ୍ ଫୋର୍ସେସ୍ କମାଣ୍ଡ୍ ର ତତ୍ତ୍ୱାବଧାନରେ ହୋଇଥିବା ଏହି ପରୀକ୍ଷଣରେ କ୍ଷେପଣାସ୍ତ୍ରର ସମସ୍ତ ପ୍ରଯୁକ୍ତିବିଦ୍ୟାଗତ ମାନଦଣ୍ଡର ସମୀକ୍ଷା କରାଯାଇଥିଲା ।ଏହି କ୍ଷେପଣାସ୍ତ୍ର ୧୭

ଟନ୍ ଓଜନର ହୋଇଥିବା ବେଳେ ଏହା ୧ ହଜାର କିଲୋଗ୍ରାମ୍ ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ବହନ କରି ୫ ହଜାର କିଲୋମିଟର ଦୂର ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରିବ ।

---

# ଭୋଟର ତାଲିକା-ନୋଟିସ୍

ରାଜ୍ୟରେ ଚାଲିଥିବା ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ଗତକାଲି ସୁଦ୍ଧା ୫୮ ଲକ୍ଷ ୩୬ ହଜାର ୪୩୦ ଜଣ ଭୋଟରଙ୍କୁ ନୋଟିସ୍ ଜାରି କରାଯାଇଛି । ସୂଚନା ଅନୁଯାୟୀ ୩୦ ଲକ୍ଷ ୧୧ ହଜାର ୮୫୭ ଜଣଙ୍କ ଶୁଣାଣି ଶେଷ ହୋଇଥିବା ବେଳେ ୧୨ ହଜାର ୫୭୨ ଜଣ ଭୋଟରଙ୍କୁ ଚୂଡ଼ାନ୍ତ ତାଲିକାରୁ ବାଦ୍ ଦିଆଯାଇଛି ।

---

# ଭୋଟର ସଂଶୋଧନ

ନିର୍ବାଚନ ପର୍ଯ୍ୟବେକ୍ଷକ ବି.ପରମେଶ୍ୱରନ୍ କନ୍ଧମାଳ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଶ୍ରୀ ପରମେଶ୍ୱରନ୍ ଜିଲ୍ଲାର ବରିଷ୍ଠ ଅଧିକାରୀମାନଙ୍କ ସହ ଭୋଟରମାନଙ୍କ ଦାବି ଓ ଆପତ୍ତିର ବିଚାର ଏବଂ ତଥ୍ୟଗତ ସଠିକତା ଉପରେ ଆଲୋଚନା କରିଥିଲେ ।

---

# ଯୌତୁକ ନିଷେଧ ଆଇନ

ଝାରସୁଗୁଡ଼ା ଜିଲ୍ଲାରେ ଯୌତୁକ ନିଷେଧ ଆଇନର କାର୍ଯ୍ୟକାରିତାକୁ ସୁଦୃଢ଼ କରିବା ନେଇ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

---

# ସଚେତନତା କାର୍ଯ୍ୟକ୍ରମ

ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ 'ମୋ ଯୁବ ଭାରତ-ନିଶାମୁକ୍ତ ଯୁବ ସଚେତନତା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି ।

ସେହିପରି କଟକ ଜିଲ୍ଲା ରଘୁନାଥଜୀଉ ଡିଗ୍ରୀ କଲେଜରେ ନିଶାମୁକ୍ତ ଯୁବ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।

---

# ସମ୍ଭାବନା-୨୦୨୭

ନୂଆପଡ଼ା ଜିଲ୍ଲାରେ ମାଟ୍ରିକ୍ ପରୀକ୍ଷାରେ ସଫଳତା ସମୀକ୍ଷା କରାଯିବା ସହ ସମ୍ଭାବନା-୨୦୨୭ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।

---


# ସଚେତନତା କାର୍ଯ୍ୟକ୍ରମ

ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ 'ମୋ ଯୁବ ଭାରତ-ନିଶାମୁକ୍ତ ଯୁବ ସଚେତନତା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି ।

ସେହିପରି କଟକ ଜିଲ୍ଲା ରଘୁନାଥଜୀଉ ଡିଗ୍ରୀ କଲେଜରେ ନିଶାମୁକ୍ତ ଯୁବ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।


---

# ପାଣିପାଗ

ଉତ୍ତର ଓଡ଼ିଶା ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସୃଷ୍ଟ ଘୂର୍ଣ୍ଣିବଳୟ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।